# ବିଜୁ ମହିଳା ଜନତା ଦଳ ପକ୍ଷରୁ ବିଶାଳ ସମାବେଶ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ତରଭା,୧୮ ।୫(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ସୋମବାର ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ ଓ ନାରୀ ନିର୍ଯାତନା ନିୟନ୍ତ୍ରଣ କରିବା ଦିଗରେ ଅସମର୍ଥ ସରକାର ବିରୋଧରେ ପ୍ରତିବାଦ କରି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପରେ ସୋନପୁର ଟାଉନହଲଠାରେ ନାରୀ ଅଧିକାର ଅଭିଯାନ ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ପଦ୍ମିନୀ ବଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରିଷ୍ଠ ମହିଳା ନେତ୍ରୀ ବୀଣାପାଣି ପୁଝାରୀ, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତି ଦନ୍ତ, ପୌର ପରିଷଦ ଅଧ୍ୟକ୍ଷା ତାମସୀ ତମସ୍ମିତା ନାୟକ, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜ ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ଲୁହା, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲ୍ଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ରିନା ମହଲା, ରଞ୍ଜିତା ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକରୁ ଦଳୀୟ ମହିଳା ସରପଞ୍ଚ, ସମିତି ସଭ୍ୟା, ୱାର୍ଡ ମେମ୍ବରଙ୍କ ସମେତ ହଜାର ହଜାର ସଂଖ୍ୟାରେ ବିଜେଡି ମହିଳା କର୍ମୀ ଯୋଗ ଦେଇ ଜିଲ୍ଲାପାଳ ଅଫିସ ଆଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସରୋଜ କର୍ମ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ କୁଶଳ, ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ସୋନପୁର ବ୍ଲକ୍ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ନଗର ସଭପତି ଜନ୍ମଜୟ ପାତ୍ର, ମାନଭଞ୍ଜନ ବେଦବାକ୍, ମାନଭଞ୍ଜନ ମିଶ୍ର, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଅମିୟ ରଞ୍ଜନ ଦାଶ ପ୍ରମୁଖ ଶହ ଶହ ସଂଖ୍ୟାରେ ବିଜେଡି ନେତା ମଧ୍ୟ ସାମିଲ ଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ ଓ ନାରୀ ନିର୍ଯାତନା ନିୟନ୍ତ୍ରଣ କରିବା ଦିଗରେ ଅସମର୍ଥ ସରକାରଙ୍କ ବିରୋଧରେ ପ୍ରତିବାଦ କରି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରେ ସୋନପୁର ଟାଉନ ହଲଠାରେ ନାରୀ ଅଧିକାର ଅଭିଯାନ ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ପଦ୍ମିନୀ ବଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରିଷ୍ଠ ମହିଳା ନେତ୍ରୀ ବୀଣାପାଣି ପୁଝାରୀ, ପୌର ପରିଷଦ ଅଧ୍ୟକ୍ଷା ତାମସୀ ତମସ୍ମିତା ନାୟକ, ବିନିକା ବ୍ଲକ୍ ଅଧ୍ୟକ୍ଷା ଦୀପ୍ତି ରେଖା ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀର ମହାରାଜ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲତା ଲୁହା, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ଅତିଥି ଭାବରେ ଯୋଗଦେଇ ଥିଲେ। ଜିଲ୍ଲାର ସମସ୍ତ ବ୍ଲକରୁ ଦଳୀୟ ମହିଳା ସରପଞ୍ଚ, ସମିତି ସଭ୍ୟା , ୱାର୍ଡ ମେମ୍ବରଙ୍କ ସମେତ ହଜାର ସଂଖ୍ୟାରେ ବିଜେଡି ମହିଳା କର୍ମୀ ଯୋଗଦେଇ ଜିଲ୍ଲାପାଳ ଅଫିସ ଆଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅଭିମନ୍ୟୁ କୁଶଳ, ନାରାୟଣ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।



# ଘୁଲଘୁଲାପଦର ପାୱାର ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ଦାବି




କଣ୍ଟାମାଳ,୧୮ ।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଳସାଗୋରା ପଞ୍ଚାୟତ ଅଧୀନ ଘୁଲୁଘୁଲାପଦର ଠାରେ ପାୱାର ସବ୍‌ଷ୍ଟେସନ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟପାଇଁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଆଜି ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିରରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ କଣ୍ଟାମାଳ ବ୍ଲକର ପୂର୍ବତନ ସାଂସଦ ପ୍ରତିନିଧି ଦିପକ ବାରିକ ପଳସାଗୋରା ପଞ୍ଚାୟତ ଅନ୍ତର୍ଗତ ଘୁଲୁଘୁଲାପଦରଠାରେ ସମ୍ପୂର୍ଣ ହୋଇଥିବା ପାୱାର ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ କରାଯିବାକୁ ଜିଲ୍ଲାପାଳଙ୍କଠାରେ ଦାବି କରିଥିଲେ। ଶ୍ରୀ ବାରିକଙ୍କ ଦାବିକୁ ଜିଲ୍ଲାପାଳ ବିଚାରକରି ତୁରନ୍ତ ସାତଦିନ ମଧ୍ୟରେ ଚାଲୁ କରିବାକୁ ଉକ୍ତବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା କାର୍ଯ୍ୟକ୍ଷମହେଲେ ଲମ୍ବସରୀ ପଞ୍ଚାୟତ, ଦପଲା ପଞ୍ଚାୟତ, ପଳସାଗୋରା ପଞ୍ଚାୟତ, ରଣ୍ଡିମହୁଲ ପଞ୍ଚାୟତ, ରେଙ୍ଗାଲି ପଞ୍ଚାୟତ, ଶିମିଳିପଦର ପଞ୍ଚାୟତର ଶହେରୁ ଉର୍ଦ୍ଧ୍ୱ ଗ୍ରାମକୁ ସତ ପ୍ରତିଶତ ବିଦ୍ୟୁତ୍ ଯୋଗାଣରେ ସୁଧାର ଆସିବ।

# ଅଟୋ ଦୁର୍ଘଟଣାରେ ୧୧ ଆହତ

ତରଭା,୧୮ ।୫(ସମିସ): ଏକ ଅଟୋ ଭାରସାମ୍ୟ ହରାଇ ଗଛରେ ପିଟିହେବା ଫଳରେ ଏଥିରେ ଥିବା ୧୧ ଜଣ ଯାତ୍ରୀ ଆହତ ହୋଇଛନ୍ତି। ତରଭା କୁମ୍ଭାରପଡ଼ାର ୯ ଜଣ ମହିଳା ଓ ୨ ଜଣ ଶିଶୁ ବିନିକା ନିକଟସ୍ଥ ଗୁଲୁଣ୍ଡାରେ ଆୟୋଜିତ ଏକ ଗଙ୍ଗା ଶ୍ରାଦ୍ଧରେ ଯୋଗଦେଇ ଗୋଟିଏ ଅଟୋରେ ତରଭାକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ସୋମବାର ଅପରାହ୍ନରେ ୫୭ ନମ୍ବର ଜାତୀୟ ରାଜପଥ ଖାରୀ ସ୍ୱାଗତ ଢାବା ନିକଟରେ ଅଟୋ ଭାରସାମ୍ୟ ହରାଇ ଗୋଟିଏ ନିମ୍ବ ଗଛରେ ପିଟି ହୋଇଥିଲା। ଏଥିରେ ଯୋଶଦା ରଣା(୬୦),ଅନୁରାଧା ନାଏକ(୩୨),ମମିତା ମେହେର (୪୦),କୁମୁଦିନି ରଣା (୫୦), ଭୂମି ରଣା(୬୦),ସବିତା ରଣା(୫୦), ରୁକ୍ମଣୀ ମେହେର(୪୫)ଓ ଏକ ଶିଶୁକୁ ଆହତ ହୋଇଥିଲେ। ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ତରଭା ଡାକ୍ତରଖାନା ପଠାଇଥିଲା। ଗୁରୁତର ମାନଙ୍କୁ ସୋନପୁର ଡାକ୍ତରଖାନାକୁ ନିଆଯାଇଥିବା ଜଣାଯାଇଛି।

# ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ




ବୌଦ୍ଧ,୧୮ ।୫(ସମିସ): ବୌଦ୍ଧ ବ୍ଲକ୍ ପଦ୍ମନପୁର ପଞ୍ଚାୟତ ଅଧୀନ ବଡ଼ଖଲିଗାଁ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ବିଶ୍ୱ ଯୁବ କେନ୍ଦ୍ର ସଂସ୍ଥା ଆନୁକୂଲ୍ୟରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମଟି ବିଶ୍ୱ ଯୁବ କେନ୍ଦ୍ରର ପ୍ରୋଗ୍ରାମ ଆସୋସିଏଟ ବନିତା ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ସମାଜରୁ ବାଲ୍ୟବିବାହ ଭଳି କୁପ୍ରଥାକୁ ସମୂଳେ ନିରାକରଣ କରିବା ଏବଂ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଥିଲା ଏହି ବୈଠକର ମୂଳ ଲକ୍ଷ୍ୟ। ଉକ୍ତ ବୈଠକରେ ବଡ଼ଖଲିଗାଁ ଗ୍ରାମର ଅଙ୍ଗନବାଡ଼ି କର୍ମୀ, ୱାର୍ଡ ସଭ୍ୟ, ଗ୍ରାମର ବରିଷ୍ଠ ବ୍ୟକ୍ତିବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ବାଲ୍ୟ ବିବାହର ଭୟାବହ କୁପରିଣାମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହିତ ବାଲ୍ୟବିବାହ ନିଷେଧ ଆଇନ ଓ ଏହାସହ ସଂପୃକ୍ତ ଦଣ୍ଡ ବିଧାନ ବିଷୟରେ ସଚେତନ କରାଯାଇଥିଲା। ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟବିବାହ ସମ୍ପର୍କିତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକର ଶେଷରେ ସମସ୍ତ ଉପସ୍ଥିତ ବ୍ୟକ୍ତି ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକତ୍ରିତ ଭାବେ ଶପଥ ଗ୍ରହଣ କରିଥିଲେ।

# ଦୁଇ ବାଲି ବୋଝେଇ ହାଇୱା ଅଟକ

ବୌଦ୍ଧ,୧୮ ।୫(ସମିସ): ବୌଦ୍ଧ ମହାନଦୀ ବ୍ରିଜ୍ ଛକ ନିକଟରେ ଦୁଇଟି ଚୋରା ବାଲି ବୋଝେଇ ହାଇୱାକୁ ବୌଦ୍ଧ ପୁଲିସ ଅଟକ ରଖିଛି। ବୌଦ୍ଧ ସହର ନିକଟ ହରଭଙ୍ଗା ତହସିଲ ଅଞ୍ଚଳର କୌଣସି ଏକ ବାଲି ଘାଟରୁ ବିଳମ୍ବିତ ରାତିରେ ଉଭୟ ହାଇୱା ବିନା ଟ୍ରାଞ୍ଜିଟ୍ ପାସରେ ବାଲି ଚୋରା ଚାଲାଣ କରୁଥିବା ବେଳେ ବୌଦ୍ଧ ପୁଲିସ ହାବୁଡରେ ପଡ଼ିଥିଲା। ଚାଳକ ବାଲି ପରିବହନ ସମ୍ପର୍କିତ କାଗଜପତ୍ର ଦେଖାଇ ନପାରିବାରୁ ଉଭୟ ହାଇୱାକୁ ଆଣି ବ୍ରିଜ ଛକ ନିକଟରେ ପୁଲିସ ଅଟକ ରଖିଛି। ପ୍ରତିଦିନ ବୌଦ୍ଧର ବିଭିନ୍ନ ବାଲି ଘାଟରୁ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଅନେକ ହାଇୱାରେ ବିନା କାଗଜ ପତ୍ରରେ ବାଲି ଚୋରା ଚାଲାନ ହେଉଥିବା ଅଭିଯୋଗ ହେଉଥିବାବେଳେ ପ୍ରଶାସନ ରୋକିବାରେ ବିଫଳ ହେଉଥିବା ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

# ବିଡିଓଙ୍କୁ ଆଦିମ ଅଧିବାସୀ ଏକତା ମଞ୍ଚର ସ୍ମାରକପତ୍ର ପ୍ରଦାନ



ବୌଦ୍ଧ,୧୮ ।୫(ସମିସ): ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟରେ ଆଦିମ ଅଧିବାସୀ ଏକତା ମଞ୍ଚ ପକ୍ଷରୁ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଧାନଚାଷ ପରେ ରବି ଋତୁରେ ମୁଗ, ବିରି, ହରଡ଼ ଆଦି ଡାଲି ଚାଷକୁ ମଞ୍ଚ ପ୍ରୋତ୍ସାହିତ କରି ଚାଷୀମାନଙ୍କ ଜୀବନ ଜୀବିକାର୍ ମାନ ବୃଦ୍ଧିକରି ଆସୁଛି। ଗତବର୍ଷ ରାଇସ୍ ଫେଲୋ ମ୍ୟାନେଜମେଣ୍ଟ ସ୍କିମ ମାଧ୍ୟମରେ ଚାଷୀଙ୍କୁ ସରକାରୀ ବିହନ ଯୋଗାଇ ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇ ପାରିଛି। ତେଣୁ ଆସନ୍ତା ରବି ଋତୁରେ ହେକ୍ଟର ପିଛା ୨୪୦୦ ଟଙ୍କାର ନିବେଶ ଖର୍ଚ୍ଚ ଯୋଗାଣ ସହ ଅକ୍ଟୋବର ୧୫ ତାରିଖ ସୁଦ୍ଧା ଗୁଣବତ୍ତା ସମ୍ପନ୍ନ ଡାଲି ଜାତୀୟ ବିହନ ଯଥା ମୁଗ ବିରି ଆଦି ଯୋଗାଣ ସୁନିଶ୍ଚିତ କରାଇବା ପାଇଁ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା। ବିଡିଓଙ୍କ ପକ୍ଷରୁ କାର୍ଯ୍ୟାଳୟର ଉପ ବିଭାଗୀୟ ଅଧିକାରୀ ନିରଞ୍ଜନ ପାଢୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ବ୍ଲକ୍ ସଭାପତି ଅକ୍ଷୟ କୁମାର ଗାଇ ଗୋଉରିଆ, ଅଗ୍ରଣୀ ଚାଷୀ ରମାକାନ୍ତ ମଲ୍ଲିକ, ସୁଧାଂଶୁ ମହାକୁଲ, ସୁଧୀର ଚାଉଳିଆ, ବ୍ଲକ ସଂଯୋଜକ ରାଜେଶ ମଲ୍ଲିକ, ଜିଲ୍ଲା ସଂଯୋଜକ ଦ୍ୱାଦଶ କୁମାର ଜାନି, ସଂଗ୍ରାମୀ ସାଥୀ ନିରଞ୍ଜନ ଲୌରିଆ, ନିରଞ୍ଜନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍ ମୁଖ୍ୟ ଫାଟକରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଅଚଳ

ବୌଦ୍ଧ,୧୮ ।୫(ସମିସ): ବୌଦ୍ଧ ଜିଲ୍ଲା ଓଡ଼ିଶାର ଅନ୍ୟତମ ଉତ୍ତପ୍ତ ଅଞ୍ଚଳ ଭାବେ ପରିଚିତ ଥିବା ବେଳେ ହରଭଙ୍ଗା ବ୍ଲକ ମୁଖ୍ୟ ଫାଟକ ନିକଟରେ ସ୍ଥାପିତ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ପ୍ରବଳ ଖରା ଓ ଅସହ୍ୟ ତାତି ମଧ୍ୟରେ ପିଇବା ପାଣି ନ ମିଳିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ହରଭଙ୍ଗା ବ୍ଲକ୍‌ର ୨୨ଟି ପଞ୍ଚାୟତରୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଥିବା ବେଳେ ପାଣି ପାଇଁ ଏପଟ ସେପଟ ହେବାକୁ ପଡୁଛି। ବ୍ଲକ୍ କାର୍ଯ୍ୟାଳୟ, ତହସିଲ, ମେଡିକାଲ, ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଥିବା ସତ୍ତ୍ୱେ ଲୋକଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ନଥିବା ବ୍ଲକ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅଚଳ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ ସଚଳ କରାଯାଇ ଗ୍ରୀଷ୍ମ ଦିନରେ ଲୋକଙ୍କ ପାଇଁ ନିରନ୍ତର ପାଣି ବ୍ୟବସ୍ଥା କରାଯାଉ ବୋଲି ବୁଦ୍ଧିଜୀବୀ ଓ ସାଧାରଣରେ ମତ ପ୍ରକାଶ ପାଇଛି।




# ବୁଲା ଗୋରୁ ଗାଈଙ୍କୁ ଥଇଥାନ ଦାବିରେ ଧାରଣା



ବୌଦ୍ଧ,୧୮ ।୫(ସମିସ): ବୌଦ୍ଧ ଏନ୍‌ଏସି ଅଫିସ୍ ଆଗରେ ଦୁର୍ଘଟଣାରେ ମୃତ ଗୋରୁର ଶବ ରଖି ଧାରଣା ଦେଇଥିଲେ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା। ରବିବାର ରାତି ୧୧ଟାରେ ଗୋଟିଏ ସରକାରୀ ବସ୍ ଧକ୍କାରେ ରାଜନପାଲି ରାସ୍ତାରେ ଥିବା ହୋଟେଲ 'ଦେବାଶିଷ' ଆଗରେ ଏକ ବୁଲା ଗୋରୁର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ଉକ୍ତ ଗୋରୁର ମୃତଦେହକୁ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ରଖି ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ମୁଖ୍ୟ ଫାଟକ ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ବୌଦ୍ଧ ପୁଲିସ ପହଞ୍ଚି ଫାଟକ ଖୋଲିବାପରେ ସହରର ବୁଲା ଗୋରୁଙ୍କୁ କୌଣସି ଗୋଶାଳାକୁ ହସ୍ତାନ୍ତର ପାଇଁ ଦାବିକରି ଉଭୟ ସଂଗଠନର କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ସମସ୍ତ ବୁଲା ଗୋରୁଙ୍କୁ ଧରି ଗୋଶାଳାକୁ ପଠାଯିବ ବୋଲି ଏନଏସି ନିର୍ବାହୀ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଧାରଣାରେ ବଜରଙ୍ଗ ଦଳ ସଂଯୋଜକ ମିଥୁନ ନାଏକ, ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ସମ୍ପାଦକ ଚକିତ ଭଞ୍ଜ ଓ ଅନ୍ୟ କର୍ମକର୍ତ୍ତା ମାନେ ସାମିଲ୍ ହୋଇଥିଲେ।

# ଜନଜାତୀୟ ଗାରିମା ଉତ୍ସବ-୨୦୨୬

ସୁବର୍ଣ୍ଣପୁର,୧୮ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ ଅଧୀନ ବହଲପଦର ପଞ୍ଚାୟତ କାର୍ଯ୍ୟାଳୟରେ ଜନଜାତୀୟ ଗାରିମା ଉତ୍ସବ-୨୦୨୬ର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ପ୍ରଥମ ଦିନରେ 'ଜନ ଭାଗିଦାରୀ, ସବସେ ଦୂର, ସବସେ ପେହଲେ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବ ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାର ୩ଟି ଅନୁସୂଚିତ ଜନଜାତି ଗ୍ରାମର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ବୀରମହାରାଜପୁରର କୁଞ୍ଜାପାଲି, ବିନିକା ବ୍ଲକର ଆଖିଦାଦର ଏବଂ ଉଲୁଣ୍ଡା ବ୍ଲକର ବ୍ରାହ୍ମଣୀପାଲି ଗ୍ରାମକୁ ଏହି ଉତ୍ସବ ପାଇଁ ଚୟନ କରାଯାଇଛି। ଆସନ୍ତା ୨୫ ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ ଓ ବିଡିଓ ରାଜୀବ ହାଂସଦା ମଞ୍ଚାସୀନ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଜନଅଭିଯୋଗ ଶୁଣାଣି






ବୌଦ୍ଧ/ମନମୁଣ୍ଡା/କଣ୍ଟାମାଳ, ୧୮ ।୫(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି୍ୟ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ୫୦ଟି ବ୍ୟକ୍ତିଗତ ଓ ୧୭ଟି ଗୋଷ୍ଠୀଗତ ଏଭଳି ମୋଟ ୬୭ଟି ଅଭିଯୋଗର ଶୁଣାଣି କରିଥିଲେ। ୧୪ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା> ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବାପାଇଁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଜଣେ ଶ୍ରବଣ ବାଧିତଙ୍କୁ ଏକ ଶ୍ରବଣ ଯନ୍ତ୍ର, ଜଣେ ଅସହାୟଙ୍କୁ ରେଡ୍ କ୍ରସ ପାଣ୍ଠିରୁ ତିନି ହଜାର ଟଙ୍କା ଏବଂ ଦୁଇଜଣଙ୍କୁ ମାସିକ ଭତ୍ତା ସହାୟତା ତତ୍କାଳୀନ ପ୍ରଦାନ କରିଥିଲେ। ସମର୍ପିତ ଭାବରେ ଜନସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ> ଏହି ଜଣାଶୁଣାଣି ଶିବିରରେ କଣ୍ଟାମାଳ ବିଡିଓ ସାକ୍ଷୀ ଜୟଶ୍ରୀ ରେ‡ୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଡୁଙ୍ଗୁରିପାଲି :** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଟାଙ୍ଗରକର୍ଲେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଞ୍ଜୀବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିକୁ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରୁ ୪ଜଣ ହିତାଧିକାରୀ ବ୍ୟକ୍ତିଗତ ଭାବେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମହେଶ୍ୱର ପଧାନ, ସ୍ଥାନୀୟ ସରପଞ୍ଚ ସୁନିତା ପତି, ପିଇଓ ଦୁର୍ଲ୍ଲଭ ପଧାନ, ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ପରିଡ଼ା, ଜିପିଡିଓ ରଞ୍ଜନ କୁମାର ବେହେରାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଥିଲେ।

**ତରଭା :** ତରଭା ବ୍ଲକ୍ ବଘିଆ ପଞ୍ଚାୟତ ସଭାଗୃହରେ ବିଡିଓ ଶିବାନନ୍ଦ କର୍ମୀଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ଜମିଜମା, ବାର୍ଦ୍ଧକ୍ୟ ଭତ୍ତା, ବଘିଆ-ମେଟାକାନି ଛକରେ ରାତ୍ରି ପାଟ୍ରୋଲିଂ ପାଇଁ ହେମନ୍ତ କୁମ୍ଭାର ଓ ସାଥୀଙ୍କ ଦରଖାସ୍ତ ଗ୍ରହଣ ହୋଇଥିଲା। ଉକ୍ତ ଜନଶୁଣାଣି ଶିବିରରେ ଜିପିଡିଓ ବିବେକ ସାହୁ, ବ୍ଲକ୍ ହିସାବ ରକ୍ଷକ ପଦ୍ମାଳୟା ମେହେର, ଶୁଭଦ୍ରା ସହାୟିକା ପଦ୍ମିନୀ ପୁରୋହିତ, ଅଙ୍ଗନବାଡ଼ି ମୁଖ୍ୟ ସେବିକା ସନ୍ତୋଷିନୀ ବେହେରା, ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାୟାଧର ଦାସ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।



# ଘର ଉପରକୁ ମାଡ଼ିଗଲା କାର୍; ମହିଳା ଗୁରୁତର

ଝାରସୁଗୁଡା,୧୮।୫(ସମିସ): ଝାରସୁଗୁଡା ଜିଲ୍ଲା ବେଲପାହାଡ ପିପିଲିମାଲରେ ଏକ କାର୍ ଏକ ଘର ବାରଣ୍ଡା ଉପରକୁ ମାଡିଯିବା ଫଳରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଜଣକ କିସାନପଡାର ଗୋକୁଳ ପାଣ୍ଡେଙ୍କ ସ୍ତ୍ରୀ ସରୋଜିନୀ ପାଣ୍ଡେ ବୋଲି ଜଣାପଡିଛି। ବେଲପାହାଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, କାର ଚାଳକ କାରକୁ ଷ୍ଟାର୍ଟ କରିବା କ୍ଷଣି ଭରସାମ୍ୟ ହରାଇ ଦ୍ରୁତ ଗତିରେ ଆସି ନିକଟରେ ଥିବା ଏକ ଘର ବାରଣ୍ଡାକୁ ମାଡିଯାଇଥିଲା। ଫଳରେ ଘର ବାରଣ୍ଡା ଭାଙ୍ଗି ଯାଇଥିବାବେଳେ ବାରଣ୍ଡା ଉପରେ ଥିବା ମହିଳା ସରୋଜନୀ ପାଣ୍ଡେ ଏଥିରେ ଗୁରୁତର ଆହତ ହୋଇଛନ୍ତି।



# ଜୁଆ ଆଡ୍ଡାରେ ଚଢ଼ଉ; ୧୦ ଗିରଫ

## ୩ କାର୍ , ୪ ବାଇକ୍, ୯ ମୋବାଇଲ୍ ସହ ୪୦ ହଜାର ଟଙ୍କା ଜବତ

ଇବଥର୍ମାଲ,୧୮।୫(ସମିସ)



ଝାରସୁଗୁଡ଼ା ଜିଲ୍ଲା ପୁଲିସ ପକ୍ଷରୁ ଚାଲିଥିବା ସର୍ଭେଲାନ୍ସ ଓ ଅପରାଧ ନିୟନ୍ତ୍ରଣ ଅଭିଯାନ "ଅପରେସନ୍ ନେତ୍ର' ଅଧିନରେ ବନହରପାଲି ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ବନହରପାଲି ପୁଲିସ ୧୭ ତାରିଖ ସନ୍ଧ୍ୟାରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ମାଷ୍ଟର ମାଇଣ୍ଡ ସହ ୧୦ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଜୁଆଖେଳରେ ବ୍ୟବହୃତ ସାମଗ୍ରୀ ସମେତ ୪୦ ହଜାର ୨୫୦ ନଗଦ ରାଶି, ତିନୋଟି ଦାମିକିଆ କାର୍, ୪ଟି ମୋଟରସାଇକେଲ ସମେତ ୯ ଟି ମୋବାଇଲ ଫୋନ୍ ଜବତ କରିଛି। ଘଟଣା ସ୍ଥଳରେ ୧୨ ଜଣ ଥିବା ବେଳେ ୨ ଜଣ କୌଶଳ କ୍ରମେ ଫେରାର୍ ହୋଇଯାଇଥିବା କୁହାଯାଇଛି।

ସୂଚନାନୁଯାୟୀ, ୧୭ତାରିଖ ବନ୍ଧବାହାଲ ଫାଣ୍ଡି ଏଏସ୍ଆଇ ନାରାୟଣ ମିଶ୍ର ଓ କିଛି ପୁଲିସ ବଳ ସନ୍ଧ୍ୟାରେ ପାଟ୍ରୋଲିଂ ବାହାରିଥିବା ବେଳେ ବନହରପାଲି ଥାନା ଅନ୍ତର୍ଗତ ନୂଆଁ ନର୍ଲା ନିକଟ ପତ୍ରା ଜଙ୍ଗଲ ଭିତରେ ଜୁଆଖେଳ ଚାଲିଥିବା ଜାଣିବାକୁ ପାଇଥିଲେ। ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଜୁଆ ଖେଳୁଥିବା ଅବସ୍ଥାରେ ଏହାର ମାଷ୍ଟର ମାଇଣ୍ଡ ସୁନ୍ଦରଗଡ଼ ଜିଲ୍ଲା ସଂକରାର ପୂର୍ଣ୍ଣ ଚନ୍ଦ୍ର ରାଉତ(୩୯)ଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲା ଦଳଗାଁର ବାଙ୍କେଶ୍ୱର ରଣବିଡା (୩୮), ଲଳିତ ସୁନା (୨୧), ବ୍ରଜରାଜନଗର ବୁଦ୍ଧିଆ କଲୋନୀର ଦୀପକ ସିଂହ(୪୦) , ଝାରସୁଗୁଡ଼ା ସଦର ବୁଡିପଦର ଗ୍ରାମର ବେଲାଲ କାଲସେ (୫୨), ବଶିଷ୍ଠ ପ୍ରଧାନ (୫୮), ଚକ୍ରଧର ସାହୁ (୫୩) , ବନ୍ଧବାହାଲ ଏମସିଏଲ କଲୋନୀର ଧ୍ରୁବ ରାଉତ (୫୪), ବ୍ରଜରାଜନଗର ଠାକୁରପଡା ୨ର ରୋହନ ରୋହିଦାଶ (୨୨), ବନହରପାଲି ତେଲେନପାଲି ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ (୪୦) ସମସ୍ତଙ୍କୁ ଗିରଫ କରିଥିଲା। ଆଜି ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବନହରପାଲି ମାମଲା ନଂ -୧୩୭ ଅନୁସାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ବନ୍ଧବାହାଲ ଫାଣ୍ଡି ଅଧିକାରୀ ରମେଶ କୁମାର ଭଁଇସା କହିଛନ୍ତି। ଫେରାର ଅଭିଯୁକ୍ତ ଦ୍ୱୟଙ୍କୁ ମଧ୍ୟ ଖୁବଶିଘ୍ର ଗିରଫ କରାଯିବ ବୋଲି କହିବା ସହ ସୁନ୍ଦରଗଡ଼ ପୂର୍ଣ୍ଣ ଚନ୍ଦ୍ର ରାଉତ ଏହି ଖେଳ ଖେଳେଇବା ସହ ଜୁଆଡିଙ୍କ ସକାଶେ ଭୋଜିଭାତର ଆୟୋଜନ କରୁଥିଲା ବୋଲି ବନହରପାଲି ଥାନା ଅଧିକାରୀ ବିନୋଦ କୁମାର ରାଓ ପ୍ରକାଶ କରିଛନ୍ତି।

# 'ଜନ ଭାଗିଦାରୀ-ସବୁଠାରୁ ଦୂର, ସର୍ବ ପ୍ରଥମେ' ଅଭିଯାନର ଶୁଭାରମ୍ଭ

## ଝାରସୁଗୁଡ଼ା ଜିଲ୍ଲାର ୭୭ ଗ୍ରାମର ହିତାଧିକାରୀ ହେବେ ଉପକୃତ



ଝାରସୁଗୁଡ଼ା,୧୮।୫(ସମିସ): ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଜନଜାତୀୟ ଗରିମା ଉତ୍ସବ-୨୦୨୬ ଅନ୍ତର୍ଗତ "ଜନ ଭାଗିଦାରୀ - ସବୁଠାରୁ ଦୂର, ସର୍ବ ପ୍ରଥମେ' ଅଭିଯାନ ଆଜି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆଦିବାସୀମାନଙ୍କ ସୂଚନା, ଶିକ୍ଷା, ଯୋଗାଯୋଗ ତଥା ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏହି ଅଭିଯାନ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଧରତି ଆବା-ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ଆସନ୍ତା ମଇ ୨୫ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାରେ ଥିବା ୭୭ ଗୋଟି ଗ୍ରାମର ଆଦିବାସୀ ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସୁବିଧା ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ୨୫ ଗୋଟି ଗ୍ରାମରେ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯିବାକୁ ସ୍ଥିରୀକୃତ ହୋଇଛି। ଏହା ସହିତ ଜିଲ୍ଲାର ୧୧ ଗୋଟି ଆଦି ସେବା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ଅଭିଯୋଗ ଶୁଣାଣି କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଆୟୋଜିତ ହେବାକୁ ଥିବା ଏହି ସମସ୍ତ ଶିବିରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଆଧାର କାର୍ଡ, ରାସନ କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତିଗତ ପ୍ରମାଣ ପତ୍ର ପ୍ରଦାନ ସହ ମାଗଣାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ସେବା ଯୋଗାଇ ଦିଆଯିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସଞ୍ଜୀବ କୁମାର ପଟେଲ ଉପସ୍ଥିତ ରହି ଏହି ଅଭିଯାନର ରୂପରେଖ ଓ କାର୍ଯ୍ୟକାରିତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଲଇକେରା ବ୍ଲକ୍ ଚେୟାରମ୍ୟାନ୍ ସଞ୍ଜୀବ ନାୟକ, ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ଲଇକେରା ତହସିଲଦାର ଦିଲ୍ଲୀପ ମାଝୀ, ବିଭିନ୍ନ ବିଭାଗୀୟ ମୁଖ୍ୟ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ୧୧ ଦିନରେ କୋକସରା ଚାଷୀ ଆନ୍ଦୋଳନ




କୋକସରା,୧୮।୫(ସମିସ): କୋକସରାର ପ୍ରଚଣ୍ଡ ଖରା, ଧୂଳି ଆଉ ଆଖିର ଲୁହ ଭିତରେ ଅନ୍ନଦାତାର ଆନ୍ଦୋଳନ ସୋମବାର ୧୧ ଦିନରେ ପହଞ୍ଚିଛି। ପେଟର ଭୋକ ଆଉ ପିଲାଙ୍କ ଭବିଷ୍ୟତର ଚିନ୍ତା ଏବେ ଆନ୍ଦୋଳନକୁ ଏକ ବଡ଼ ବିସ୍ଫୋରଣ ଆଡ଼କୁ ନେଇଯାଉଛି। ଇନ୍ଦ୍ରାବତୀର ପାଣି ମିଳିଲା, ରକ୍ତକୁ ପାଣି କରି ଚାଷୀ ସୁନା ଫସଲ ଫଳାଇଲା। ହେଲେ ସରକାରୀ ବ୍ୟବସ୍ଥାର "ପି-ପାସ' ପୋର୍ଟାଲରେ ମେଗା ଲିଫ୍ଟର ବିକଳ୍ପ ରହିଲା ନାହିଁ। ପରିଣାମ କୋକସରା, ଜୟପାଟଣା ଓ ଧର୍ମଗଡ଼ର ପ୍ରାୟ ୧୫ ହଜାର ଚାଷୀଙ୍କ ରବି ଧାନ ଆଜି ବିଲରେ କିମ୍ବା ଖଳାରେ ପଡ଼ି ସଢୁଛି। ଆସନ୍ତାକାଲି (୧୯ ତାରିଖ) ସୀମା ପାର୍ ହେବ ଅସନ୍ତୋଷ, ହଜାର ହଜାର ଚାଷୀ ଘେରିବେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ। ଏନେଇ ଇନ୍ଦ୍ରାବତୀ ଉଠା ଜଳସେଚନ ଚାଷୀ ସଂଘ ସ୍ପଷ୍ଟ ସୂଚାଇ ଦେଉଛି। ଏହାସତ୍ତ୍ୱେ ମଧ୍ୟ ସରକାର ଦାବି ପୂରଣ ନ କରନ୍ତି ତେବେ ୨୦ମେ'ରୁ ନିଜ ଜୀବନକୁ ବାଜି ଲଗାଇ "ଆମରଣ ଅନଶନ'ରେ ଚାଷୀ ବସିବେ ବୋଲି ପ୍ରସ୍ତୁତି କରିଥିବା ସୂଚନା ମିଳିଛି। ଏହା ବାଦ୍ ୨୨ ମେ'ରେ ଆମପାଣି ଠାରେ ବିଜୁ ଏକ୍ସପ୍ରେସୱେ ଓ ଜାତୀୟ ରାଜପଥରେ ସୃଷ୍ଟି ହେବ ଏକ ଭୟାବହ ମହା-ସଂଗ୍ରାମ ବୋଲି ଚାଷୀ ଓ ଚାଷୀନେତାମାନେ କଡ଼ା ଚେତାବନୀ ଦେଇଛନ୍ତି। ଗଣଧାରଣାରେ ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତା, ଉପସଭାପତି ରାଜୀବ କୁମାର ଅଗ୍ରୱାଲ, ଦୁର୍ଗା ପ୍ରସାଦ ନାଏକ, ତ୍ରିଭୁବନ ନାଏକ, ବରିଷ୍ଠ କଂଗ୍ରେସ ନେତା ତଥା କଳାହାଣ୍ଡି ସ୍ୱାଭିମାନ ମଞ୍ଚର ଆବାହକ ସୁରେଶ ଚନ୍ଦ୍ର ରାଉତ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ବେଣୁପାଣି ଦୁର୍ଗା, ଯୁବ ନେତା ମାନସ ରଞ୍ଜନ ବାଗ, ଅରୁଣ ମାଝୀ, ନବୀନ ନାଏକ, ପଞ୍ଚକ ପୋଡ଼, ଦିଗାମ୍ବର ବେମାଲ, ଅମୋଜ ଧାରୁଆ, ଧବଳେଶ୍ୱର ନାଗ, ଗୋବର୍ଦ୍ଧନ ବାଗ, ପବିତ୍ର ମୋହନ ନିଆଲ, ରବି ନାରାୟଣ ଦାସ, ମାର୍କଣ୍ଡ ବେମାଲା, ନିମାଇଁ ଚରଣ ଧଙ୍ଗଡାମାଝୀ, ତ୍ରିମୋହନ ନାଏକ, ନିଳାମ୍ବର ବାରିକ, ଚିନ୍ତାମଣି ପଟ୍ଟନାୟକ, ସୁଶାନ୍ତ ବେହେରା ସମେତ ବିଭିନ୍ନ ଗାଁରୁ ଚାଷୀ ସାମିଲ ହୋଇଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର : ୩୭ ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା,୧୮।୫(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଲଇକେରା ବ୍ଲକ ସମ୍ମିଳନୀ କକ୍ଷଠାରେ ଏକ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସେଠାକୁ ଆସିଥିବା ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିବା ସଙ୍ଗେ ସଙ୍ଗେ ଲୋକଙ୍କ ପ୍ରତିଟି ସମସ୍ୟାର ତ୍ୱରିତ ସମାଧାନ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜଣେ ଆର୍ଥିକ ଅନଗ୍ରସର ହିତାଧିକାରୀଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ଜରୁରୀକାଳୀନ ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ଆଜିର ଏହି ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୩୭ ଗୋଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୫ ଗୋଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୧୨ ଗୋଟି ସାମୁଦାୟିକ ବା ଗୋଷ୍ଠୀଗତ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଶିବିରରେ ମୁଖ୍ୟତଃ ସ୍ଥାନୀୟ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ପରିଚାଳନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ



ସାମିଲ, ବିଭିନ୍ନ ଅଞ୍ଚଳର ଜମି ଜମା ସମ୍ବନ୍ଧୀୟ ବିବାଦ, ପାନୀୟ ଜଳ ସମସ୍ୟା, ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଏବଂ ଗ୍ରାମୀଣ ରାସ୍ତା ନିର୍ମାଣ ଆଦି ସମ୍ପର୍କିତ ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ ଗୁଡିକ ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ସରକାରୀ ସେବାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଜନ ଶୁଣାଣି ଶିବିରକୁ ଆସୁଥିବା ଲୋକମାନଙ୍କର ମୌଳିକ ସମସ୍ୟାଗୁଡ଼ିକୁ ବିଭାଗୀୟସ୍ତରରୁ ଯଥାଶୀଘ୍ର ଆବଶ୍ୟକୀୟ କାର୍ଯ୍ୟବଳୀ ଆଧାରରେ ସମ୍ପୂର୍ଣ୍ଣ କରାଯିବା, ସମସ୍ତ ବକେୟା ପଡ଼ିଥିବା କାର୍ଯ୍ୟକୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ସମସ୍ୟା ମୂଳକ କାର୍ଯ୍ୟରେ କୌଣସି ପ୍ରକାର ଅବହେଳା ବରଦାସ୍ତ କରାଯିବ ନାହିଁ ଏବଂ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଲଇକେରା ବ୍ଲକ ଚେୟାରମ୍ୟାନ୍ ସଞ୍ଜୀବ ନାୟକ, ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ଲଇକେରା ତହସିଲଦାର ଦିଲ୍ଲୀପ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ବିଭିନ୍ନ ବିଭାଗୀୟ ମୁଖ୍ୟ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ଲଇକେରା ବ୍ଲକର ଅଧିକାରୀମାନେ ଶିବିରରେ ସାମିଲ ହୋଇଥିଲେ।

# ଠିକାଦାର ସଂଘର ଆବାହକଙ୍କୁ ଆକ୍ରମଣ

## ● ପ୍ରତିବାଦରେ ଥାନା ସମ୍ମୁଖରେ ବିକ୍ଷୋଭ

ରାଉରକେଲା,୧୮।୫(ସମିସ): ଟେଣ୍ଡର ପକାଇବାକୁ ନେଇ ବାରିପଦାର କିଛି ଠିକାଦାରଙ୍କ ସଂଘବଦ୍ଧ ଆକ୍ରମଣରେ ରାଉରକେଲା ସରକାରୀ ଠିକାଦାର ସଂଘର ଆବାହକ ତାପସ ଆଚାର୍ଯ୍ୟ ଗୁରୁତର ଆହତ ହୋଇଛନ୍ତି। ଏଥିସହ ରାଉରକେଲାର ଆଉ ୨ରୁ ୩ ଜଣ ଠିକାଦାର ବି ଆହତ ହୋଇଥିବା ସୂଚନା ମିଳିଛି। ବାହାର ଠିକାଦାରଙ୍କ ଆକ୍ରମଣ ଓ ଆତଙ୍କରାଜ ପ୍ରତିବାଦ ଓ ଆକ୍ରମଣ କରିଥିବା ଠିକାଦାରଙ୍କୁ ଗିରଫ ଦାବିରେ ଆଜି ବିଳମ୍ବିତ ସଂଧ୍ୟାରେ ରାଉରକେଲା ସରକାରୀ ଠିକାଦାର ସଂଘର ଶତାଧିକ ସଦସ୍ୟ ଉଦିତନଗର ଥାନା ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଏକ ସରକାରୀ ଠିକା କାର୍ଯ୍ୟରେ ଟେଣ୍ଡର ପକାଇବାକୁ ନେଇ ରାଉରକେଲା ସରକାରୀ ଠିକାଦାର ସଂଘ ଓ ବାରିପଦାରୁ ଆସି ରାଉରକେଲାରେ ଟେଣ୍ଡର ପକାଇଥିବା କିଛି ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆପୋଷ ବୁଝାମଣାରେ ସମାଧାନ କରିବା ପାଇଁ ଆଜି ସଂଧ୍ୟାରେ ଉଦିତନଗର ଫିଟନେସ ପାର୍କରେ ଉଭୟ ଗୋଷ୍ଠୀର ଠିକାଦାରଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ବାହାର ଜିଲ୍ଲାର ଜଣେ ଠିକାଦାର ଓ ତାଙ୍କର ୧୨ ସହଯୋଗୀ ରାଉରକେଲା ସରକାରୀ ଠିକାଦାର ସଂଘର ଆବାହକ ତାପସ ଆଚାର୍ଯ୍ୟଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଶ୍ରୀ ଆଚାର୍ଯ୍ୟଙ୍କୁ ରକ୍ଷା କରିବାକୁ ଯାଇ ରାଉରକେଲା ଠିକାଦାର ସଂଘର ଆଉ ୨ରୁ ୩ ଜଣ ଠିକାଦାର ଆହତ ହୋଇଛନ୍ତି। ଏହି ଘଟଣାରେ ରାଉରକେଲା ସରକାରୀ ଠିକାଦାର ସଂଘ ପକ୍ଷରୁ ଉଦିତନଗର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉଦିତନଗର ଥାନା ଆଇଆଇସି ଜ୍ଞାନେନ୍ଦ୍ର କୁମାର ସାହୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ

# ଏଲ୍‌ପିଏସ୍‌ଡି ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ସ୍ଥାୟିତ୍ୱ ହାର କମ୍ ଦେଖି ବିଗିଡ଼ିଲେ



ଝାରସୁଗୁଡ଼ା,୧୮।୫(ସମିସ)

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ

## ଅତିରିକ୍ତ ଶ୍ରେଣୀ ଗୃହ, ଆଇସିଟି ଲ୍ୟାବ୍, ଇ-ଲାଇବ୍ରେରୀ ନିର୍ମାଣ ପାଇଁ ନିର୍ଦ୍ଦେଶ

କରିଛନ୍ତି। ଆଜି ଲଇକେରା ବ୍ଲକରେ ଆୟୋଜିତ ଯୁଗ୍ମ ଜନ ଶୁଣାଣି ଶିବିର ଶେଷ ପରେ ଜିଲ୍ଲାପାଳ ବାବୁଚିପିଢି ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ବିଦ୍ୟାଳୟର ସାମଗ୍ରିକ ଶୈକ୍ଷିକ ପରିବେଶ ଓ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ। ମାଟ୍ରିକ ପରୀକ୍ଷାରେ ଅଧିକ ମାତ୍ରାରେ କିଭଳି ଆଶାନୁରୂପ ଫଳାଫଳ ବା ଉତ୍ତମ ପ୍ରଦର୍ଶନ କରିପାରିବେ ସେହି ଦିଗ ଉପରେ ସେ ବିସ୍ତୃତ ସମୀକ୍ଷା କରିଥିଲେ। ଏଥିସହ ଆଗାମୀ ମ୍ୟାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀମାନେ କିଭଳି ଭାବେ ଭୟମୁକ୍ତ ହୋଇ ଉନ୍ନତ ପ୍ରଦର୍ଶନ କରିପାରିବେ, ସେ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଏକ ଉନ୍ନତ ଓ ସାମଗ୍ରିକ ଶିକ୍ଷା ପ୍ରଦାନ କରାଯିବା ନେଇ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ, ଅଇନ୍ତାପଲ୍ଲୀ ସ୍ଥିତ ଏଲପିଏସଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟ ସ୍କୁଲ ତୁଳନାରେ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସ୍ଥାୟୀତ୍ୱ ହାର ଉପସ୍ଥାନ ସଂଖ୍ୟାରେ କୌଣସି ଆଶାନୁରୂପ ବୃଦ୍ଧି ହୋଇ ନଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ ତୁରନ୍ତ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଶିକ୍ଷା ବର୍ଷ ମଧ୍ୟରେ ଜିଲ୍ଲାର ଯେଉଁ ସବୁ ବିଦ୍ୟାଳୟଗୁଡ଼ିକ ଭଙ୍ଗାଦଦରା ବା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ସେହି ସବୁ ସ୍କୁଲରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ସାଇକଲ ଷ୍ଟାଣ୍ଡ, ଆଇସିଟି ଲ୍ୟାବ୍ ଏବଂ ଇ-ଲାଇବ୍ରେରୀ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଜିଲ୍ଲାପାଳ ଚଳିତ ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ଇ୧ ଗ୍ରେଡ୍ ହାସଲ କରି ସଫଳତା ସାଉଣ୍ଟିଥିବା ପାକିଲଖୋଲ ସ୍ଥିତ ହେମ ସାଗର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ଏହି ଉଚ୍ଚମାନର ଶୈକ୍ଷିକ ପ୍ରଦର୍ଶନକୁ ଆଗକୁ ମଧ୍ୟ ବଜାୟ ରଖିବା ଦୃଷ୍ଟିରୁ ଏହି ସ୍କୁଲକୁ ପ୍ରାଥମିକତା ଭିତ୍ତିରେ ଅଗ୍ରାଧିକାର ଦେଇ ସମସ୍ତ ଆବଶ୍ୟକୀୟ ସରକାରୀ ସହାୟତା ଓ ଭିତ୍ତିଭୂମି ଯୋଗାଇଦେବାକୁ ଜିଲ୍ଲାପାଳ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

## ● ବଢ଼େଇମୁଣ୍ଡା ସରକାରୀ ଆଇଟିଆଇରେ ଭିତ୍ତିଭୂମିର ସମୀକ୍ଷା

# ଜିଲ୍ଲା ଖଣିଜ ପାଣ୍ଠିରେ ନିର୍ମିତ ହେବ ଛାତ୍ର ଓ ଛାତ୍ରୀ ନିବାସ

ଝାରସୁଗୁଡ଼ା,୧୮।୫(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ବଢ଼େଇମୁଣ୍ଡାସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହ ସେ ଆଇଟିଆଇର



ଅଧ୍ୟକ୍ଷ ଓ କର୍ମଚାରୀଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଅନୁଷ୍ଠାନର ହଷ୍ଟେଲ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୂଚନା ଅନୁସାରେ, ଜିଲ୍ଲା ଖଣିଜ ପାଣ୍ଠି ଅଧୀନରେ ଆଇଟିଆଇ ପରିସରରେ ନୂତନ ଛାତ୍ର ଓ ଛାତ୍ରୀ ନିବାସ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ଏହାବ୍ୟତୀତ, ଛାତ୍ରଛାତ୍ରୀଙ୍କ ବୈଷୟିକ ଜ୍ଞାନକୌଶଳର ବୃଦ୍ଧି ପାଇଁ ଅନୁଷ୍ଠାନରେ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍ ପ୍ରତିଷ୍ଠା କରିବାକୁ ଆଇଟିଆଇ ଅଧ୍ୟକ୍ଷ ଜିଲ୍ଲାପାଳଙ୍କ ନିକଟରେ ଏକ ପ୍ରସ୍ତାବ ଆଗତ କରିଛନ୍ତି। ଅନ୍ୟପଟେ, ସ୍ଥାନୀୟ ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ଆଇଟିଆଇର ସୃଜନଶୀଳତାକୁ ବ୍ୟବହାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଝାରସୁଗୁଡ଼ା ପୌରପାଳିକା ଅଞ୍ଚଳକୁ ଅଧିକ ଆକର୍ଷଣୀୟ ଓ ସୁନ୍ଦର କରିବା ପାଇଁ ବେଷ୍ଟ-ଆଉଟ୍-ଅଫ୍-ୱେଷ୍ଟ (ବର୍ଜ୍ୟବସ୍ତୁରୁ ସୁନ୍ଦର ସାମଗ୍ରୀ) କିମ୍ବା କୌଣସି ଅଭିନବ କଳାକୃତି/ମଡେଲ ପ୍ରସ୍ତୁତ କରିବାକୁ ସେ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଆଇଟିଆଇର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।



